





# ପ୍ରତିସମ ଚିତ୍ର

ମଣ୍ଟୁ ଓ ଝିଣ୍ଟୁ କାଗଜରେ ରଂଗତୁଳୀ ସାହାଯ୍ୟରେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କୁଥିଲେ । ସୁନ୍ଦର ସୁନ୍ଦର ଚିତ୍ର ଆଙ୍କି ସେଗୁଡ଼ିକୁ ଘରର କାନ୍ଥରେ ଲଗାଇ ଦେଲେ । ଘରଟି ବାହାରକୁ ବହୁତ ସୁନ୍ଦର ଦେଖାଗଲା । ଏହା ଦେଖି ତାଙ୍କ ବାପା ଅଭିମନ୍ୟୁ ବାବୁ ପିଲାମାନଙ୍କୁ ପ୍ରଶଂସା କଲେ । ସେ କହିଲେ - ''ଏହିଭଳି ଚିତ୍ର ଆଙ୍କି ବିଦ୍ୟାଳୟର ଅନ୍ୟ ପିଲାମାନଙ୍କୁ ଦେଖାଅ ।'' ପରଦିନ ମଣ୍ଟୁ ଓ ଝିଣ୍ଟୁ ବିଦ୍ୟାଳୟରେ ଅନ୍ୟସାଙ୍ଗମାନଙ୍କୁ ଚିତ୍ରଗୁଡ଼ିକୁ ଦେଖାଇଲେ । ପିଲାମାନେ ସେହିଭଳି ଚିତ୍ର ତିଆରି କଲେ । ସମସ୍ତଙ୍କ ଚିତ୍ରକୁ ନେଇ ବିଦ୍ୟାଳୟରେ ''ଚିତ୍ର ପ୍ରଦର୍ଶନୀ'' ଆୟୋଜନ କରାହେଲା ।



ପିଲାମାନେ ଆଙ୍କିଥିବା ଚିତ୍ରଗୁଡ଼ିକୁ ତୁମେ ଲକ୍ଷ୍ୟ କର ।



ଏବେ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

(କ) କେଉଁ ଚିତ୍ରଟି ତୁମକୁ ସବୁଠାରୁ ଅଧିକ ଭଲ ଲାଗୁଛି ? କାହିଁକି ?

(ଖ) ତୁମେ ଏହିଭଳି ଚିତ୍ର ଆଙ୍କିବାକୁ ଚେଷ୍ଟା କର ।

## ତୁମ ପାଇଁ କାମ

- ଖଣ୍ଡିଏ ଜରିକାଗଜ ନିଅ ଯେପରି ତାହାକୁ ଚିତ୍ର ଉପରେ ଥୋଇଲେ ଚିତ୍ରଟି ଜରିକାଗଜରେ ଦେଖାଯିବ । (ଜରିକାଗଜ ନ ମିଳିଲେ ତେଲବୋଳା କାଗଜ ନେଇପାରିବ)
- ଏବେ ପେନ୍‌ସିଲ୍ ନେଇ ପୂର୍ବପୃଷ୍ଠାରେ ଥିବା ଚିତ୍ରଗୁଡ଼ିକୁ ଜରିକାଗଜ ଉପରେ ଆଙ୍କ ।
- ଏବେ ତୁମେ ଜରିକାଗଜଟିକୁ ଉଠାଇଆଣ ।
- ଜରିକାଗଜ ଉପରେ ତୁମେ ଚିତ୍ରଗୁଡ଼ିକ ତିଆରି ହୋଇଥିବାର ଦେଖିବାକୁ ପାଇବ ।
- ପ୍ରତ୍ୟେକ ଚିତ୍ରର ବାହାର ଧାରରେ କଇଁଚିରେ କାଟି ଚିତ୍ରଟିକୁ ବଡ଼ ଜରିକାଗଜରୁ ଅଲଗା କରିଦିଅ ।
- ଏବେ ଲକ୍ଷ୍ୟ କର, କେଉଁ କେଉଁ ଚିତ୍ରର ଠିକ୍ ଅଧା ଚିତ୍ରଟିର ଅନ୍ୟ ଅଧା ସହିତ ସଂପୂର୍ଣ୍ଣରୂପେ ମିଶିଯିବ ।

ଏହି କାମ କରିସାରିବା ପରେ ପିଣ୍ଟୁ ନିଜେ ସେହିଭଳି ଚିତ୍ରଟିଏ ଆଙ୍କିଲା । ସେ ଆଙ୍କିଥିବା ଚିତ୍ରଟିକୁ ଦେଖ ।



ଚିତ୍ର-କ



ଚିତ୍ର-ଖ


ପିଣ୍ଟୁ ପ୍ରଜାପତିର ଚିତ୍ରଟିଏ ଆଙ୍କିଲା (ଚିତ୍ର - କ) । ଚିତ୍ରର ଠିକ୍ ମଝିରେ ଗୋଟିଏ ଡଟ ଥିବା ଗାର ଟାଣିଲା (ଚିତ୍ର - ଖ) । ତୁମେ ଲକ୍ଷ୍ୟ କରି କହ –

- 'ଖ' ଚିତ୍ରର ଡଟ ଥିବା ଗାରର ଦୁଇ ପାଖରେ ଥିବା ଅଂଶ ସମାନ କି ?

ଗାରର ଗୋଟିଏ ପଟେ ଥିବା ଚିତ୍ରକୁ ଅନ୍ୟ ପଟ ଉପରେ ପକାଇଲେ ଚିତ୍ର ଦୁଇଟି ସଂପୂର୍ଣ୍ଣରୂପେ ମିଶିଯିବ କି ?

ଏପ୍ରକାର ଚିତ୍ରକୁ **ପ୍ରତିସମ ଚିତ୍ର** କୁହାଯାଏ ।


ତଳେ ଦିଆଯାଇଥିବା ଆକୃତିଗୁଡ଼ିକ ମଧ୍ୟରୁ ପ୍ରତିସମ ଆକୃତି ଗୁଡ଼ିକୁ ଚିହ୍ନାଅ ଓ ସେଗୁଡ଼ିକରେ ରଙ୍ଗ ଦିଅ ।




ଯେଉଁ ଆକୃତିଗୁଡ଼ିକ ପ୍ରତିସମ ନୁହେଁ, ସେହି ଆକୃତିଗୁଡ଼ିକୁ ''ପ୍ରତିସମତା ବିହୀନ ଆକୃତି'' ବୋଲି ଆମେ କହିପାରିବା ।

- ପରପୃଷ୍ଠାରେ ଥିବା ଆକୃତିଟିକୁ ଦେଖ । ଏହା ଏକ ତ୍ରିଭୁଜାକୃତି ଚିତ୍ର ।
- ଏହା ଏକ ପ୍ରତିସମ ଆକୃତି କି ?


ଲକ୍ଷ୍ୟକର, ତ୍ରିଭୁଜ ଚିତ୍ରରେ ଥିବା ଡଟ୍‌ଗାରଟିରେ କଇଁଚିରେ କାଟି ଦେଲେ ତ୍ରିଭୁଜଟି ଦୁଇ ସମାନ ଭାଗରେ ବିଭକ୍ତ ହେବ। ଏହାର ଗୋଟିଏ ଭାଗକୁ ଅନ୍ୟ ଭାଗଟିଉପରେ ଥୋଇଲେ ତାହା ସଂପୂର୍ଣ୍ଣ ରୂପେ ମିଶିଯିବ। ଏଭଳି ଗାରକୁ ଆକୃତିର **ପ୍ରତିସମ ଅକ୍ଷ** କୁହାଯାଏ।



ନିମ୍ନ ପ୍ରତିସମ ଆକୃତିଗୁଡ଼ିକରେ ପ୍ରତିସମ ଅକ୍ଷକୁ ଚିହ୍ନାଅ।



ତଳେ ଦିଆଯାଇଥିବା ଇଂରାଜୀ ଅକ୍ଷରଗୁଡ଼ିକୁ ଲକ୍ଷ୍ୟକର।





ଏହି ଇଂରାଜୀ ଅକ୍ଷରଗୁଡ଼ିକ ଗୋଟିଏ ଗୋଟିଏ ପ୍ରତିସମ ଆକୃତି। ଏଥିରେ ଡଟ୍ ଚିହ୍ନିତ ଗାର ହେଉଛି ପ୍ରତିସମ ଅକ୍ଷ। ଲକ୍ଷ୍ୟକର, ଇଂରାଜୀ ଅକ୍ଷର A ରେ କେବଳ ଗୋଟିଏ ମାତ୍ର ପ୍ରତିସମ ଅକ୍ଷ ଅଛି। ସେଥିଭଳି ଇଂରାଜୀ ଅକ୍ଷର E ରେ ଗୋଟିଏ ପ୍ରତିସମ ଅକ୍ଷ ଅଛି। ମାତ୍ର ଇଂରାଜୀ ଅକ୍ଷର H ଓ X ରେ ଦୁଇଟି ଲେଖାଏଁ ପ୍ରତିସମ ଅକ୍ଷ ଥିବାର ଦେଖୁଥିବ।

(କ) କେଉଁ କେଉଁ ଇଂରାଜୀ ଅକ୍ଷରରେ ପ୍ରତିସମତା ଥିବାର ଦେଖୁଛ ଲେଖ।

(ଖ) କେଉଁ କେଉଁ ଇଂରାଜୀ ଅକ୍ଷରଗୁଡ଼ିକ ପ୍ରତିସମତା ବିହୀନ ?

(ଗ) କେଉଁ ଓଡ଼ିଆ ଅକ୍ଷରରେ ପ୍ରତିସମତା ଅଛି ଲେଖ।


**ତୁମ ପାଇଁ କାମ**





- ଗୋଟିଏ ପୃଷ୍ଠା କାଗଜ ନିଅ।
- ଏହାର ଠିକ୍ ମଝିରୁ ଦୁଇଭାଗ କରି ଭାଙ୍ଗିଦିଅ।



- ଯେତେବେଳେ କାଗଜଟିକୁ ଭାଙ୍ଗିଲ, ମଝିରେ ଥିବା ଭାଙ୍ଗଦାଗଟିକୁ ପ୍ରତିସମ ଅକ୍ଷ ବୋଲି ଧରିନିଅ ।
- ଏବେ କଇଁଚି ସାହାଯ୍ୟରେ ଭାଙ୍ଗ ହୋଇଥିବା ସ୍ଥାନରେ କାଗଜଟିକୁ ତୁମ ଇଚ୍ଛା ମୁତାବକ କାଟ । କାଟି କାଗଜରୁ କିଛି ଅଂଶ ବାହାର କରିଦିଅ, ଯେପରି ଚିତ୍ରରେ ଦେଖାଯାଇଛି ।
- ଏବେ କାଗଜଟିକୁ ଖୋଲିଦିଅ । ତୁମେ ଯେଉଁ ଆକୃତି ପାଇବ, ତାହା ଏକ ପ୍ରତିସମ ଆକୃତି ।
- କାଗଜ କାଟି ନିମ୍ନଲିଖିତ ଆକୃତି ତିଆରି କର ।
- ପ୍ରତ୍ୟେକ ଆକୃତି ପ୍ରତିସମ ଆକୃତି କି ?







ପ୍ରତିସମ ଚିତ୍ର ପାଇବା ପାଇଁ ଆସ ଆଉ ଗୋଟିଏ କାମ କରିବା –


## ତୁମ ପାଇଁ କାମ

- ଗୋଟିଏ ପୃଷ୍ଠା ସାଧା କାଗଜ ନିଅ ।
- ଏହାର ଠିକ୍ ମଝିରୁ ଭାଙ୍ଗି ଦିଅ ଓ ଖୋଲି ଦିଅ । ଭାଙ୍ଗ ଦାଗଟିକୁ ଲକ୍ଷ୍ୟକର ।
- ରଙ୍ଗ କାଳିକୁ କାଗଜରେ ପଡ଼ିଥିବା ଭାଙ୍ଗ ଚିହ୍ନର ଉପରେ ପକାଅ ।
- କାଗଜଟିକୁ ଏବେ ଭାଙ୍ଗ ସ୍ଥାନରୁ ଚପିଦିଅ ।
- କାଗଜଟିକୁ ପୁଣିଥରେ ଖୋଲିଦିଅ ।
- ତୁମେ କାଗଜରେ ପ୍ରତିସମ ଆକୃତି ପାଇଥିବାର ଦେଖିବ ।



## ଅଭ୍ୟାସ


୧. ନିମ୍ନ ଚିତ୍ରଗୁଡ଼ିକରେ ଡଟ୍ ଚିହ୍ନିତ ଗାରଟି ପ୍ରତିସମ ରେଖା କି ନୁହେଁ ଲେଖ ।





୨. ନିମ୍ନ ଚିତ୍ରଗୁଡ଼ିକରେ ପ୍ରତିସମ ରେଖା ଅଙ୍କନ କର ।






୩. ତଳେ ପ୍ରତ୍ୟେକ ଚିତ୍ରରେ ପ୍ରତିସମ ଅକ୍ଷ ଚିହ୍ନଟ କରାଯାଇଛି । ପ୍ରତିସମ ଆକୃତି ପାଇବା ପାଇଁ ଚିତ୍ରଟିକୁ ସଂପୂର୍ଣ୍ଣ କର ।




୪. ବିଭିନ୍ନ ଦେଶର ପତାକା ଦିଆଯାଇଛି । କେଉଁ ଦେଶର ପତାକାରେ ପ୍ରତିସମତା ଅଛି ?



ଭାରତ


ଶ୍ରୀଲଙ୍କା



ଅଷ୍ଟ୍ରେଲିଆ


ଜିମ୍ବାୱେ



ଯୁକ୍ତରାଜ୍ୟ


ପାକିସ୍ତାନ



ଜାପାନ


ଯୁକ୍ତରାଷ୍ଟ୍ର ଆମେରିକା


ରୁଷିଆ


ନ୍ୟୁଜିଲାଣ୍ଡ

## ତୁମ ପାଇଁ କାମ




- ଗୋଟିଏ ଗ୍ରାଫ୍ କାଗଜ ନିଅ ।
- ଚିତ୍ରରେ ଦେଖାଯାଇଥିବା ଭଳି ସେଥିରେ ଗୋଟିଏ ମୋଟାଗାର ଟାଣ । (ଏଠାରେ *l* )
- 'କଖଗ' ତ୍ରିଭୁଜ ଭଳି ଗୋଟିଏ ତ୍ରିଭୁଜ ଅଙ୍କନ କର ।
- *l* ସରଳରେଖାଠାରୁ 'କ' ବିନ୍ଦୁ ବାମ ପଟେ ଯେତେ ଦୂରରେ ଅଛି, *l* ସରଳରେଖାଠାରୁ ଡାହାଣ ପଟେ ସେତିକି ଦୂରରେ 'ଜ' ବିନ୍ଦୁ ନିଅ ।
- ସେହିଭଳି 'ଖ' ଓ 'ଗ' ବିନ୍ଦୁ ପାଇଁ ଯଥାକ୍ରମେ 'ଛ' ଓ 'ଚ' ବିନ୍ଦୁର ଅବସ୍ଥିତି ନିର୍ଣ୍ଣୟ କର ।
- ଏବେ 'ଚଛଜ' ତ୍ରିଭୁଜ ଅଙ୍କନ କର ।
- 'ଚଛଜ' ତ୍ରିଭୁଜଟି 'ଗଖକ' ତ୍ରିଭୁଜର ଅବିକଳ ପ୍ରତିବିମ୍ବ ଚିତ୍ର ହେବ କି ?

ସେହିଭଳି ଗ୍ରାଫ କାଗଜରେ ବର୍ଗଚିତ୍ର, ଆୟତଚିତ୍ର ଆଙ୍କି ତା'ର ଅବିକଳ ପ୍ରତିବିମ୍ବ ଚିତ୍ର ଅଙ୍କନ କର ।